# NATIONAL NEWS BULLETIN (ODIA)

**31 October - 2024**

**Morning Bulletin : 7.15 a.m.**

**********************************

## ମୁଖ୍ୟ ସମ୍ବାଦ

- ଜାତୀୟ ଏକତା ଦିବସ ଅବସରରେ ଗୁଜରାଟ ସ୍ଥିତ ଷ୍ଟାଚ୍ୟୁ ଅଫ୍ ୟୁନିଟିରେ ଆଜି ପୁଷ୍ପାର୍ଘ୍ୟ ଅର୍ପଣ କରିବା ସହିତ ମୁଖ୍ୟ ସମାରୋହରେ ଯୋଗଦେବେ ପ୍ରଧାନମନ୍ତ୍ରୀ ।
- ସାମ୍ପ୍ରତିକ ବିଶ୍ୱସ୍ତରୀୟ ସୁରକ୍ଷା ସ୍ଥିତିକୁ ଦୃଷ୍ଟିରେ ରଖି ଯେକୌଣସି ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେବା ଲାଗି ସର୍ବଦା ସତର୍କ ଓ ପ୍ରସ୍ତୁତ ରହିବାକୁ ଭାରତୀୟ ଯବାନମାନଙ୍କୁ ଆହ୍ୱାନ ଦେଲେ ପ୍ରତିରକ୍ଷା ମନ୍ତ୍ରୀ ।
- ଆଲୋକର ପର୍ବ ଦୀପାବଳି ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ।
- ୨୦୨୪-୨୫ ଖରିଫ୍ ବିପଣନ ଋତୁରେ ପଞ୍ଜାବ ଓ ହରିଆଣାରୁ ୧୧୨ ଲକ୍ଷ ମେଟ୍ରିକ୍ ଟନ୍‌ରୁ ଅଧିକ ଖାଦ୍ୟଶସ୍ୟ ସଂଗ୍ରହ ।

ଏବଂ

- ହାଇଲୋ ଓପନ୍ ୨୦୨୪ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହେଲେ ଭାରତର ଆୟୁଷ ସେଟ୍ଟୀ ଓ ସତୀଶ କୁମାର କରୁଣାକରନ୍ ।

# ଏକତା ଦିବସ

ଆଜି ହେଉଛି ଜାତୀୟ ଏକତା ଦିବସ । ଦେଶର ସ୍ୱାଧୀନତା ସଂଗ୍ରାମରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ତଥା ଦେଶର ପ୍ରଥମ ଉପ-ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କର ଜନ୍ମ ବାର୍ଷିକୀ ଅବସରରେ ପ୍ରତିବର୍ଷ ଅକ୍ଟୋବର ୩୧ ତାରିଖ ଦିନଟିକୁ ଜାତୀୟ ଏକତା ଦିବସ ଭାବେ ପାଳନ କରାଯାଇ ଆସୁଛି । ଜାତୀୟ ଅଖଣ୍ଡତା ବଜାୟ ରଖିବା ଦିଗରେ ନିଜର ପ୍ରତିଶ୍ରୁତିବଦ୍ଧତା ତଥା ସ୍ୱାଧୀନତା ସଂଗ୍ରାମରେ ଅସାଧାରଣ ନେତୃତ୍ୱ ପାଇଁ ସର୍ଦ୍ଦାର ପଟେଲ ଭାରତର ଲୌହ ମାନବ ଭାବେ ପରିଚିତ ।

ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜରାଟର ଏକତାନଗର ସ୍ଥିତ ଷ୍ଟାଚ୍ୟୁ ଅଫ୍ ୟୁନିଟି ଠାରେ ପୁଷ୍ପାର୍ଘ୍ୟ ଅର୍ପଣ କରିବେ । ପରେ ସେଠାରେ ଅନୁଷ୍ଠିତ ହେବାକୁ ଥିବା ଏକତା ଦିବସ ପ୍ୟାରେଡ୍‌ରେ ସେ ଅଂଶଗ୍ରହଣ କରିବା ସହିତ ଏକତା ଦିବସର ଶପଥପାଠ କରାଇବାର କାର୍ଯ୍ୟକ୍ରମ ରହିଛି । ଆଜିର ଏହି ପ୍ୟାରେଡ୍‌ରେ ରାଜ୍ୟ ପୋଲିସ୍, ସି.ଆର୍.ପି.ଏଫ୍., ଏନ୍.ସି.ସି. ସମେତ ୧୬ଟି ଦଳ ଅଂଶଗ୍ରହଣ କରିବେ । ଏତଦ୍‌ବ୍ୟତୀତ ଆଜି ଭାରତୀୟ ବାୟୁସେନା ପକ୍ଷରୁ ସେଠାରେ ସୂରୀୟ କିରନ୍ ପ୍ରଦର୍ଶନ କରାଯିବ ।

# ଅମିତ ଶାହା-ଗୁଜରାଟ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜିଠାରୁ ଦୁଇ ଦିନିଆ ଗୁଜରାଟ ଗସ୍ତ କରିଛନ୍ତି । ମଧ୍ୟାହ୍ନରେ ଶ୍ରୀ ଶାହା ବୋଟାଡ୍‌ର ସାଲାଙ୍ଗପୁର ସ୍ଥିତ କାଷ୍ଠଭଞ୍ଜନ ହନୁମାନଜୀ ମନ୍ଦିରରେ ଥିବା ଶ୍ରୀ ଗୋପାଳନନ୍ଦ ସ୍ୱାମୀ ଯାତ୍ରୀ ଭବନର ଉଦ୍‌ଘାଟ କରିବେ । ଏଗାର ଶହଟି କୋଠରି ଥିବା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି ନୂତନ ଅତିଥି ଭବନ ନିର୍ମାଣରେ ପ୍ରାୟ ୨୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଆସନ୍ତାକାଲି ଶ୍ରୀ ଶାହା ଅହମ୍ମଦାବାଦର ପିରାନାଠାରେ ରାଜ୍ୟର ସର୍ବବୃହତ ବର୍ଜ୍ୟବସ୍ତୁରୁ ଶକ୍ତି ଉତ୍ପାଦନ କେନ୍ଦ୍ରର ଉଦ୍‌ଘାଟନ କରିବେ । ଦୈନିକ ଏକ ହଜାର ମେଟ୍ରିକ୍ ଟନ୍ କଠିନ ବର୍ଜ୍ୟବସ୍ତୁରୁ ୧୫ ମେଗାୱାଟ୍ ଶକ୍ତି ଏହି କେନ୍ଦ୍ରରେ ଉତ୍ପାଦନ ହୋଇପାରିବ । ଏଥିଲାଗି ପ୍ରାୟ ୩୭୫ କୋଟି ଟଙ୍କା ବ୍ୟୟ କରାଯାଇଛି ।

# ରାଜନାଥ ସିଂହ

ସୀମାରେ ଶାନ୍ତି ବଜାୟ ରଖିବା ଦିଗରେ ନିରନ୍ତର ସାମରିକ ଏବଂ କୂଟନୈତିକ ପ୍ରଚେଷ୍ଟା ଯୋଗୁଁ ଭାରତ ଓ ଚୀନ୍ ମଧ୍ୟରେ ସୈନ୍ୟ ଅପସାରଣ ନେଇ ରାଜିନାମା ସ୍ୱାକ୍ଷରିତ ହୋଇପାରିଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି । ଗତକାଲି ରାତିରେ ଆସାମର ବଡ଼ଖାନା ଠାରେ ଯବାନମାନଙ୍କୁ ସମ୍ବୋଧିତ କରିବା ଅବସରରେ ସେ ଏହା କହିଛନ୍ତି । ଶ୍ରୀ ସିଂହ କହିଛନ୍ତି, ପଡ଼ୋଶୀ ଦେଶଙ୍କ ସହିତ ଉତ୍ତମ ସମ୍ପର୍କ ରଖିବା ଉପରେ ଭାରତ ସର୍ବଦା ବିଶ୍ୱାସ କରେ । ଶାନ୍ତି ବଜାୟ ରଖିବା ଦିଗରେ ସେନାବାହିନୀର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ସର୍ବଦା ଆବଶ୍ୟକ ପଦକ୍ଷେପ ନେଇଥାନ୍ତି ।

ସୀମାରେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ଦେଶର ଅଖଣ୍ଡତା ଓ ସାର୍ବଭୌମତ୍ୱ ରକ୍ଷା ଦିଗରେ ଭାରତୀୟ ସେନାବାହିନୀର ପ୍ରତିଶ୍ରୁତିବଦ୍ଧତା ଯୁବବର୍ଗଙ୍କ ଲାଗି ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି, ନିଜର ଉତ୍ସର୍ଗୀକୃତ ତଥା ସାହସିକ କାର୍ଯ୍ୟ ଲାଗି ନିଜର ମାତୃଭୂମି ପାଇଁ ପ୍ରାଣବଳୀ ଦେଇଥିବା ଯବାନମାନଙ୍କ ପ୍ରତି ଦେଶ ସର୍ବଦା କୃତଜ୍ଞ ହୋଇ ରହିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଯୋଗୁଁ ଭାରତୀୟ ସେନା ବାହିନୀ ସଶକ୍ତ ହେବା ସହିତ ବିଶ୍ୱସ୍ତରରେ ଦେଶର ଭାବମୂର୍ତ୍ତି ଅଧିକ ଉଜ୍ୱଳ ହୋଇଛି ବୋଲି ସେ କହିଛନ୍ତି । ସାମ୍ପ୍ରତିକ ବିଶ୍ୱସ୍ତରୀୟ ସୁରକ୍ଷା ସ୍ଥିତିକୁ ଦୃଷ୍ଟିରେ ରଖି ଯେକୌଣସି ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେବା ଲାଗି ସର୍ବଦା ସତର୍କ ଓ ପ୍ରସ୍ତୁତ ରହିବାକୁ ପ୍ରତିରକ୍ଷା ମନ୍ତ୍ରୀ ଏହି ଅବସରରେ ଭାରତୀୟ ଯବାନମାନଙ୍କୁ ଆହ୍ୱାନ ଦେଇଛନ୍ତି ।

## ଉପନିର୍ବାଚନ

ଆସାମରେ ଆସନ୍ତାମାସ ୧୩ ତାରିଖ ଦିନ ହେବାକୁ ଥିବା ୫ଟି ବିଧାନସଭା ଆସନ ଲାଗି ଉପ-ନିର୍ବାଚନ ନିମନ୍ତେ ଆଜି ହେଉଛି ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ଦିବସ । ଏଥିରେ ୩୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

ଆମ ସମ୍ବାଦଦାତା ଦେଇଥିବା ସୂଚନା ଅନୁଯାୟୀ ଢୋଲାଇ ଆସନ ଲାଗି ୮ ଜଣ, ସାମାଗୁଡ଼ିରୁ ୧୧ ଜଣ, ସିଡ୍‌ଲିରୁ ୩ ଜଣ, ବେହାଲିରୁ ୮ ଜଣ ଏବଂ ବୋଙ୍ଗାଇ ଗାଓଁ ଆସନ ଲାଗି ୮ ଜଣ ପ୍ରାର୍ଥୀ ନିଜର ରାଜନୈତିକ ଭାଗ୍ୟ

ପରୀକ୍ଷା କରୁଛନ୍ତି । ଏହି ୫ଟି ଆସନ ଲାଗି ୧୦ଲକ୍ଷରୁ ଊର୍ଦ୍ଧ୍ୱ ମତଦାତା ସେମାନଙ୍କର ଗଣତାନ୍ତ୍ରିକ ମତାଧିକାର ସାବ୍ୟସ୍ତ କରିବେ ।

ସେହିଭଳି କେରଳରେ ୱାୟାନାଡ୍ ସଂସଦୀୟ ଆସନ ଏବଂ ଚେଲ୍ଲାକାରା ଓ ପାଲକାଡ୍ ଦୁଇଟି ବିଧାନସଭା ଆସନ ଲାଗି ଉପନିର୍ବାଚନ ନିମନ୍ତେ ଆଜି ହେଉଛି ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ଦିନ । ୱାୟାନାଡ୍ ସଂସଦୀୟ ଆସନ ଲାଗି କଂଗ୍ରେସ ପକ୍ଷରୁ ପ୍ରିୟଙ୍କା ଗାନ୍ଧି, ବିଜେପି ପକ୍ଷରୁ ନାଭ୍ୟା ହରିଦାସ ଓ ସି.ପି.ଆଇ. ପକ୍ଷର ସାଥିୟାନ୍ ମୋକେରିଙ୍କ ସମେତ ୧୬ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

ଅନ୍ୟ ପକ୍ଷରେ ପାଲାକାଡ୍ ବିଧାନସଭା ଆସନ ଲାଗି ୧୦ ଜଣ ଓ ଚେଲ୍ଲାକାର ଆସନ ଲାଗି ୬ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜଣାଯାଇଛି । ଆସନ୍ତା ମାସ ୧୩ ତାରିଖରେ ଏହି ଉପନିର୍ବାଚନ ନିମନ୍ତେ ଭୋଟ୍ ଗ୍ରହଣ କରାଯିବ ।

ସେହିଭଳି କର୍ଣ୍ଣାଟକ ବିଧାନସଭାର ତିନୋଟି ଆସନ ଲାଗି ଅନୁଷ୍ଠିତ ହେବାକୁ ଥିବା ଉପନିର୍ବାଚନ ନିମନ୍ତେ ଗତକାଲି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ ଥିଲା । ୧୯ ଜଣ ପ୍ରାର୍ଥୀ ଶେଷ ଦିନରେ ନିଜର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେବା ପରେ ବର୍ତ୍ତମାନ ମୋଟ୍ ୪୫ ଜଣ ପ୍ରାର୍ଥୀ ଏହି ରାଜନୈତିକ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି ।

ସେହିଭଳି ଝାଡ଼ଖଣ୍ଡ ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ଆଜି ହେଉଛି ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ଦିନ । ଏହି ପର୍ଯ୍ୟାୟରେ ମୋଟ୍ ୬୩୪ ଜଣ ପ୍ରାର୍ଥୀ ନିଜର ନାମାଙ୍କନପତ୍ର ଦାଖଲ କରିଛନ୍ତି । ଆସନ୍ତା

ମାସ ୨୦ ତାରିଖ ଦିନ  ଏହି ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟ ବିଧାନସଭାର ୩୮ଟି ଆସନ ଲାଗି ମତଦାନ ହେବ ।

# ଦୀପାବଳି

ଆଲୋକର ପର୍ବ ଦୀପାବଳି ଆଜି ଦେଶବ୍ୟାପି ପାଳନ କରାଯାଉଛି । ପାପ ଉପରେ ପୂଣ୍ୟର ବିଜୟକୁ ଉତ୍ସବ ମାଧ୍ୟମରେ ପାଳନ କରାଯାଇଥାଏ । ଏହି ଅବସରରେ ଜନସାଧାରଣ ଲକ୍ଷ୍ମୀ ଓ ଗଣେଶଙ୍କର ପୂଜାର୍ଚ୍ଚନା କରିଥାନ୍ତି ।

ଦୀପାବଳି ଅବ୍ୟବହିତ ପୂର୍ବରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଗତକାଲି ସନ୍ଧ୍ୟାରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ନିଜ ବାର୍ତ୍ତାରେ ରାଷ୍ଟ୍ରପତି କହିଛନ୍ତି, ଆଲୋକ ଓ ଖୁସିର ପର୍ବ ଦୀପାବଳି ଆମ ମଧ୍ୟରେ ପ୍ରେମ, ସାମାଜିକ ସଦ୍‌ଭାବ ବୃଦ୍ଧି କରିବା ସହିତ ଆମର ବିବେକକୁ ଆଲୋକିତ କରିବ ବୋଲି ଆଶାବ୍ୟକ୍ତ କରିଛନ୍ତି । ଏକ ପ୍ରଦୂଷଣମୁକ୍ତ ଦୀପାବଳି ପାଳନ କରିବା ସହିତ ସମୃଦ୍ଧ, ସ୍ୱାସ୍ଥ୍ୟକର ଏବଂ ଦାୟିତ୍ୱ ସମ୍ପନ୍ନ ସମାଜ ଗଠନ ଦିଗରେ ଏହି ଅବସରରେ ଶପଥ ନେବାକୁ ଶ୍ରୀମତୀ ମୁର୍ମୁ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

ଉପରାଷ୍ଟ୍ରପତି ନିଜ ବାର୍ତ୍ତାରେ କହିଛନ୍ତି, ଦୀପାବଳି କେବଳ ଭାରତୀୟଙ୍କ ମଧ୍ୟରେ ନୁହେଁ ବରଂ ବିଶ୍ୱବ୍ୟାପି ବାସ କରୁଥିବା ଭାରତୀୟ ସମୁଦାୟ ମଧ୍ୟ ଏହି ପର୍ବ ପାଳନ କରିଥାନ୍ତି । ଦୀପାବଳିର ଆଲୋକ ଭାରତକୁ ଏକ ସମୃଦ୍ଧ ତଥା ବିକଶିତ ଦେଶ ଭାବେ ଗଢ଼ି ତୋଳିବାରେ ସହାୟ ହେଉ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

# ଧାନ ସଂଗ୍ରହ

ପଞ୍ଜାବ ଓ ହରିଆଣାରୁ ଖାଦ୍ୟଶସ୍ୟ ସଂଗ୍ରହ କାର୍ଯ୍ୟ ସୁରୁଖୁରୁରେ ଚାଲିଛି ବୋଲି ଖାଦ୍ୟ, ସାଧାରଣ ବଣ୍ଟନ ତଥା ଉପଭୋକ୍ତା ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ମିଳିଥିବା ସୂଚନା ଅନୁଯାୟୀ ୨୦୨୪-୨୫ ଖରିଫ୍ ବିପଣନ ଋତୁରେ ପଞ୍ଜାବରୁ ଏ ପର୍ଯ୍ୟନ୍ତ ୧୦ ଲକ୍ଷ ଏବଂ ହରିଆଣାରୁ ୪ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ନିଜର ଉତ୍ପାଦ ବିକ୍ରି କରିବା ଲାଗି ନାମ ପଞ୍ଜିକରଣ କରିଛନ୍ତି । ହରିଆଣାରୁ ଚଳିତ ମାସ ୨୯ ତାରିଖ ସୁଦ୍ଧା ୪୫ ଲକ୍ଷ ମେଟ୍ରିକ୍ ଟନ୍ ଖାଦ୍ୟଶସ୍ୟ ସଂଗ୍ରହ କରାଯାଇଛି, ଗତବର୍ଷର ଏହି ସମୟ ପର୍ଯ୍ୟନ୍ତ ୫୭ ଲକ୍ଷ ମେଟ୍ରିକ୍ ଟନ୍ ଖାଦ୍ୟଶସ୍ୟ ସଂଗ୍ରହ କରାଯାଇଥିଲା । ସେହିଭଳି ପଞ୍ଜାବରେ ଏହି ସମୟ ସୁଦ୍ଧା ୬୭ ଲକ୍ଷ ମେଟ୍ରିକ୍ ଟନ୍ ଖାଦ୍ୟଶସ୍ୟ ସଂଗ୍ରହ କରାଯାଇଥିବା ବେଳେ ଗତବର୍ଷ ଆଉ ୪ ଲକ୍ଷ ମେଟ୍ରିକ୍ ଟନ୍ ଅଧିକ ଖାଦ୍ୟଶସ୍ୟ ସଂଗ୍ରହ ହୋଇଥିଲା ବୋଲି ମନ୍ତ୍ରଣାଳୟ କହିଛି । ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟର ଲାଭ ପ୍ରଦାନ କରିବା ଦିଗରେ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଗତ ୨୯ ତାରିଖ ସୁଦ୍ଧା ପଞ୍ଜାବର ସାଢ଼େ ୩ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ଏ ବାବଦରେ ୧୩ ହଜାର ୨୧୧ କୋଟି ଟଙ୍କା ଏବଂ ହରିଆଣାର ୨ ଲକ୍ଷ ୭୫ ହଜାର ଚାଷୀଙ୍କୁ ୧୦ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି ।

# ଦିଲ୍ଲୀ-ପିଆଜ

ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳରେ ପିଆଜର ଚାହିଦାକୁ ପୂରଣ କରିବା ଉଦ୍ଦେଶ୍ୟରେ ଗତକାଲି ମହାରାଷ୍ଟ୍ରର ନାଶିକ୍ ଠାରୁ ୮୪୦ ମେଟ୍ରିକ୍ ଟନ୍ ପିଆଜ

ସେଠାରେ ପହଞ୍ଚିଛି । ଏ ସମ୍ପର୍କରେ ସୂଚନା ଦେଇ ଖାଉଟି କଲ୍ୟାଣ ମନ୍ତ୍ରଣାଳୟ କହିଛି, ଗତ ସପ୍ତାହରେ ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳରେ ପିଆଜର ଚାହିଦାକୁ ମେଣ୍ଟାଇବା ଲାଗି ୧ହଜାର ୬୦୦ ମେଟ୍ରିକ୍ ଟନ୍ ପିଆଜ ଅଣାଯାଇଥିଲା । ସରକାର ପିଆଜର ମୂଲ୍ୟକୁ ସ୍ଥିର ରଖିବା ଉଦ୍ଦେଶ୍ୟରେ ଚଳିତ ରବି ଋତୁରେ ୪ଲକ୍ଷ ୭୦ ହଜାର ଟନ୍ ପିଆଜ ସଂଗ୍ରହ କରି ରଖିଥିଲେ । ପରେ ଦେଶ ବ୍ୟାପି ବିଭିନ୍ନ ମଣ୍ଡିରୁ ଚାହିଦା ଅନୁସାରେ ଏହାକୁ ଖୁଚୁରା ବଜାରକୁ ଛଡ଼ା ଯାଇଥିଲା । ଗତକାଲି ସୁଦ୍ଧା ୧ଲକ୍ଷ ୪୦ ହଜାର ଟନ୍ ପିଆଜ ନାସିକ୍‌ରୁ ଦେଶର ବିଭିନ୍ନ ସ୍ଥାନକୁ ସଡ଼କ ପଥରେ ପଠାଯାଇଛି ବୋଲି ମନ୍ତ୍ରଣାଳୟ କହିଛି ।

## ବ୍ୟାଡ୍‌ମିଣ୍ଟନ୍

ଜର୍ମାନୀର ସାର୍‌ବ୍ରୁକେନ୍ ଠାରେ ଚାଲିଥିବା ହାଇଲୋ ଓପନ୍ ୨୦୨୪ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟକୁ ଭାରତର ଆୟୁଷ ସେଟ୍ଟୀ ଓ ସତୀଶ କୁମାର କରୁଣାକରନ୍ ଉନ୍ନିତ ହୋଇଛନ୍ତି । ଆୟୁଷ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ଫିନ୍‌ଲାଣ୍ଡର ଜୋକିମ୍ ଓଲ୍‌ଡର୍ଫ୍‌ଙ୍କୁ ପ୍ରଥମ ପର୍ଯ୍ୟାୟରେ ୨୧-୧୨ ଓ ୨୧-୧୭ ସେଟ୍‌ରେ ପରାସ୍ତ କରିଛନ୍ତି । ସେହିଭଳି ସତୀଶ' ଚିରାଗ୍ ସେନ୍‌ଙ୍କୁ ୨୨-୨୦, ୨୨-୨୪ ଓ ୧୭-୨୧ରେ ପରାସ୍ତ କରିଛନ୍ତି ।

ଅନ୍ୟ ପକ୍ଷରେ ମହିଳା ସିଙ୍ଗଲ୍ସ ବର୍ଗରେ ଭାରତର କେୟୁରା ମୋପାତି ଡେନ୍‌ମାର୍କର ଆନ୍ନା ସିସ୍ ରିବର୍ଗଙ୍କଠାରୁ ହାରି ଯାଇଛନ୍ତି ।

# ସ୍ପେନ୍-ବନ୍ୟା

ପୂର୍ବ ସ୍ପେନ୍‌ର ଭାଲେନ୍‌ସିଆ ଅଞ୍ଚଳରେ ପ୍ରବଳ ବନ୍ୟା ଯୋଗୁଁ ମୃତ୍ୟୁ ସଂଖ୍ୟା ୯୫କୁ ବୃଦ୍ଧି ପାଇଛି । ଅବିଶ୍ରାନ୍ତ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ଏହି ବନ୍ୟାରେ ସଡ଼କପଥ ଓ ରେଳପଥରେ ଯାତାୟତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି । ସ୍ପେନ୍‌ର ପାଣିପାଗ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଗତ ମଙ୍ଗଳବାର ମାତ୍ର ୮ ଘଣ୍ଟା ମଧ୍ୟରେ ଭାଲେନ୍‌ସିଆ ଅଞ୍ଚଳରେ ୪୯୧ ମିଲିମିଟର ବର୍ଷା ରେକର୍ଡ କରାଯାଇଥିଲା । ସ୍ପେନ୍ ଜରୁରୀକାଳୀନ ପ୍ରସମନ ବାହିନୀ ୧ ହଜାରରୁ ଊର୍ଦ୍ଧ୍ୱ ଯବନା ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି ବୋଲି ସରକାରୀ ଭାବେ କୁହାଯାଇଛି ।